## ସଂକ୍ଷେପରେ

### ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ୍

ଅନୁଗୋଳ ଅଫିସ, ୧୬।୪- ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅତିରିକ୍ତ ଜିଲା ଓ ଦୌରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ମଙ୍ଗଳବାର ଅଭିଯୁକ୍ତ ଗୋକୁଳ ନାୟକ(୫୯)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ସ୍ଥଳେ ଅଧିକ ଏକ ବର୍ଷ ଜେଲ ଭୋଗିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ସରୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି। ମୋଟ୍ ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏହି ଦଣ୍ଡାଦେଶ ପ୍ରଦାନ କରାଯାଇଛି। ଠାକୁରଗଡ଼ ଥାନା ଅଞ୍ଚଳରେ ୨୦୧୩ ଅଗଷ୍ଟ ୧୫ରେ ଅଭିଯୁକ୍ତ ଗୋକୁଳ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ୧୮ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୯୩/୧୩ରେ ମାମଲା ରୁଜୁ କରି ଅଭିଯୁକ୍ତ ଗୋକୁଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ଟ୍ରକ୍ ଧକ୍କାରେ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

ବଅଁରପାଳ,୧୬।୪(ଡି.ଏନ୍.ଏ.)- ନାଲ୍‌କୋ ଥାନା କୁଲାଡ଼ ଛକ ନିକଟରେ ମଙ୍ଗଳବାର ଭୋର ସମୟରେ ଟ୍ରକ୍ ଧକ୍କାରେ ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବାରୁ କୁଲାଡ଼ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ଦୁର୍ଘଟଣା ସମୟରେ ସେହି ରାସ୍ତା ଦେଇ ଯାଉଥିବା ୨ ବାଇକ୍ ଆରୋହୀ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି।

### ମଙ୍ଗଳା ପୀଠରେ ବାର୍ଷିକ ଚୈତ୍ର ଉତ୍ସବ

ଛେଣ୍ଡିପଦା,୧୬।୪(ଡି.ଏନ୍.ଏ.)- ଛେଣ୍ଡିପଦା ବ୍ଲକ ବକଳା, ଦୁର୍ଗାପୁର, ଡୁକୁଡା ଗ୍ରାମସ୍ଥିତ ମା'ତାରିଣୀଙ୍କ ପୀଠରେ ଚୈତ୍ର ଉତ୍ସବ ସାଙ୍ଗକୁ ମଙ୍ଗଳବାର ବାର୍ଷିକ ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଥମେ ମା' ତାରିଣୀଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯିବା ପରେ ହୋମଯଜ୍ଞ, ଅନ୍ନପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ଦୁର୍ଗାପୁର ଗୋଛାୟତ ସାହି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ବାର୍ଷିକ ପୂଜାତ୍ସୋବ ପାଳିତ ହୋଇଥିଲା। ନୂଆଖେତା ଓ ନୂଆହତା ଦଣ୍ଡନୃତ୍ୟ ଦଳ ପକ୍ଷରୁ ଦଣ୍ଡନୃତ୍ୟ ପ୍ରତିଯୋଗିତା ହୋଇଥିଲା। ସେହିପରି ଜରପଡା ଗୋଛାୟତ ସାହି, ଟାଙ୍ଗିରୀସାହି ଗ୍ରାମଠାରେ ବାର୍ଷିକ ମଙ୍ଗଳା ପୂଜାତ୍ସୋବ ଅନୁଷ୍ଠିତ ହୋଇଛି। ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

### ୩ ଏଟିଏମ୍ ଭଙ୍ଗାରୁଜା

ତାଳଚେର,୧୬।୪(ନି.ପ୍ର.)- କଲିୟାରୀ ଥାନା ବଲଣ୍ଡା ଅଞ୍ଚଳରେ ଥିବା ଷ୍ଟେଟବ୍ୟାଙ୍କର ୨ଟି ଓ ବାଘମରା ଅଞ୍ଚଳର ଆକ୍ସିସ ବ୍ୟାଙ୍କର ଏକ ଏଟିଏମ୍‌କୁ ସୋମବାର ରାତିରେ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଛନ୍ତି। ଦୀର୍ଘ ସମୟ ଧରି ଖଣି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବା ସୁଯୋଗରେ ଦୁର୍ବୃତ୍ତମାନେ ଏଟିଏମ୍ ଭଙ୍ଗାରୁଜା କରିଥିଲେ। କିନ୍ତୁ କୌଣସି ଗୋଟିଏରୁ ବି ଟଙ୍କା ନେଇପାରି ନ ଥିବା ପୋଲିସ ପ୍ରକାଶ କରିଛି।

### ଆମ ସଂସ୍କୃତି ପକ୍ଷରୁ ବିଷୁବ ମିଳନ

ଅନୁଗୋଳ ଅଫିସ, ୧୬।୪- ଅନୁଗୋଳର ସାଂସ୍କୃତିକ ଅନୁଷ୍ଠାନ ଆମ ସଂସ୍କୃତି ପକ୍ଷରୁ ଓଡ଼ିଆ ନବବର୍ଷ ଓ ବିଷୁବ ମିଳନ ମହୋତ୍ସବ ସ୍ଥାନୀୟ ବିଜୁ ମଇଦାନ ଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦ୍ୱାରିକା ପ୍ରସାଦ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାମାଜିକ କର୍ମୀ କ୍ରିଷ୍ଣା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଶାସକ ଡ. ଧରଣୀଧର ନାଥ ମୁଖ୍ୟବକ୍ତା, ଆଦର୍ଶ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ମହେଶ ଚନ୍ଦ୍ର ଧଳ, ନାଲ୍‌କୋର ଅବସରପ୍ରାପ୍ତ ସାଧାରଣ ପରିଚାଳକ ଶରତ ମିଶ୍ର, ଅନୁଗୋଳ ଓକିଲ ସଂଘ ସଭାପତି ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାଧାରଣ ସମ୍ପାଦକ ସରୋଜକାନ୍ତ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଖିଳ ବେହେରା, ସାନନ୍ଦ, ଚିନ୍ମୟୀ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

## ଅଚଳ ପମ୍ପ ବଢ଼ାଉଛି ସଙ୍କଟ

# ଜଳ ପାଇଁ ଡହଳବିକଳ

**ବଇଣ୍ଡା,୧୬।୪(ଡି.ଏନ୍.ଏ.)**

- ୨୦୦୭ରେ ହୋଇଥିଲା ନିର୍ମାଣ
- ପୂର୍ବରୁ ୨ ଥର ଅଚଳ ହୋଇଥିଲା ପମ୍ପ
- ତୁରନ୍ତ ସମାଧାନ ନ କଲେ ଆନ୍ଦୋଳନ


ତାଳମଳିହା ଗ୍ରାମରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ।

ଗ୍ରାମାଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାର ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବହୁ ପ୍ରକଳ୍ପ ଅଚଳ ହୋଇପଡ଼ିଥିଲେ ବି ସେଗୁଡ଼ିକର ମରାମତି କରାଯାଉ ନାହିଁ। ବର୍ତ୍ତମାନ ଗ୍ରୀଷ୍ମଋତୁରେ ଅଧିକ ଜଳର ଆବଶ୍ୟକତା ଥିବାବେଳେ ଏପରି ଅଚଳ ପ୍ରକଳ୍ପ ଲୋକଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରୁଛି। ସେମାନେ ବିଶୁଦ୍ଧ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି। ଆଠମଲ୍ଲିକ ବ୍ଲକ ଆମ୍ବଶରମୁଣ୍ଡା ପଞ୍ଚାୟତ ତାଳମଳିହା ଗ୍ରାମରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଏଠାକାର ପ୍ରକଳ୍ପରେ ଲାଗିଥିବା ପମ୍ପ ଅଚଳ ହୋଇଯାଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାକୁ ମରାମତି କରାଯାଉ ନ ଥିବା ଯୋଗୁ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଜଳ ଯୋଗାଣ ବନ୍ଦ ରହିଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୨୦୦୭ରେ ତାଳମଳିହାଠାରେ ସରକାରଙ୍କ ପକ୍ଷରୁ ୭ ଲକ୍ଷ ଟଙ୍କା ବ୍ୟୟରେ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇ ୨ଶହ ପରିବାରକୁ ପାଣି ଯୋଗାଇ ଦିଆଯାଉଥିଲା। ହେଲେ ଅତି ନିମ୍ନମାନର ଯନ୍ତ୍ରାଂଶ ଯୋଗୁ ପ୍ରକଳ୍ପଟି ବାରମ୍ବାର ଅଚଳ ହୋଇପଡୁଛି। ପୂର୍ବରୁ ୨ ଥର ପମ୍ପ ଅଚଳ ହୋଇଯାଇଥିବାରୁ ଏକ ନୂତନ ପମ୍ପ ଲଗାଇବା ପାଇଁ ଗ୍ରାମବାସୀ ବହୁବାର ଆଠମଲ୍ଲିକ ଜଳ ଯୋଗାଣ ବିଭାଗରେ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ୨ଟି ନଳକୂପ ଥିଲେ ବି ଜଳସ୍ତର ହ୍ରାସ କାରଣରୁ ପର୍ଯ୍ୟାପ୍ତ ପାଣି ମିଳିପାରୁ ନାହିଁ। ବାଧ୍ୟ ହୋଇ ଲୋକେ ଅଧ କିମି ଦୂରରେ ଥିବା ଏକ ଖୋଲା କୂଅରୁ ପାଣି ଆଣି ବ୍ୟବହାର କରୁଛନ୍ତି। ତୁରନ୍ତ ଏକ ନୂତନ ପମ୍ପ ଲଗାଇ ଜଳ ଯୋଗାଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗୋଲଖ ଚନ୍ଦ୍ର ସାହୁ, କ୍ଷୀରୋଦ ସାହୁ, ତ୍ରିଲୋଚନ ପ୍ରଧାନ, ସୁରେଶ ପ୍ରଧାନ, ସତ୍ପେଶ୍ୱର ସାହୁ, କୀର୍ତ୍ତନ ମାଝି, ତ୍ରିଲୋଚନ ପ୍ରଧାନ ପ୍ରମୁଖ ଚେତାବାନୀ ଦେଇଛନ୍ତି। ଏ ନେଇ ଆମ୍ବଶରମୁଣ୍ଡା ସରପଞ୍ଚ ମହେଶ୍ୱର ଦେହୁରି କହିଛନ୍ତି, ପମ୍ପ ଅଚଳ ଯୋଗୁ ଜଳ ଯୋଗାଣ ବନ୍ଦ ରହିଛି। ପାଣି ପାଇଁ ଲୋକେ ବହୁ ହୀନସ୍ତା ହେଉଥିବାରୁ ଯଥାଶୀଘ୍ର ଏକ ନୂତନ ପମ୍ପ ଲଗାଇବା ପାଇଁ ଆଠମଲ୍ଲିକ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଯାଇଛି। କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ବେହେରା କହିଛନ୍ତି, କର୍ମଚାରୀ ଅଭାବ ଯୋଗୁ ମରାମତି କାର୍ଯ୍ୟ ହୋଇପାରୁ ନାହିଁ।

# ମା' ମଙ୍ଗଳାଙ୍କ ବାର୍ଷିକ ଯାତ୍ରା


ମା'ଙ୍କ ଆଲମକୁ ଶୋଭାଯାତ୍ରାରେ ନିଆଯାଉଛି।

**ବଅଁରପାଳ,୧୬।୪(ଡି.ଏନ୍.ଏ.)**

ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମରେ ମଙ୍ଗଳବାର ମା' ମଙ୍ଗଳାଙ୍କ ବାର୍ଷିକ ଯାତ୍ରା ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ ମା'ଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ଗ୍ରାମର ଦିଅଁ ଘରୁ ଏକ ବିରାଟ ଶୋଭାଯାତ୍ରାରେ ମା'ଙ୍କ ଆଲମକୁ ପୀଠ ସ୍ଥଳୀକୁ ଅଣାଯାଇଥିଲା। ପରେ ଶୋଭାଯାତ୍ରା, ଘଣ୍ଟ, ବାଦ୍ୟ ଲଉଡି ଖେଳ, ନାମ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ସନ୍ଧ୍ୟାରେ ମା'ଙ୍କ ବଡ଼ ପୂଜା ସମ୍ପନ୍ନ ହୋଇଥିଲା। ମାନସିକ ପୂରଣ ପାଇଁ ବହୁ ଶ୍ରଦ୍ଧାଳୁ ଅଧିଆ ପଡ଼ିଥିଲେ। ରାତିରେ ଜୋରାଗାଡ଼ିଆ ଓ ସିରିଗିଡ଼ା ମଧ୍ୟରେ ଏକ ଦଣ୍ଡ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯାତ୍ରା କମିଟି ସଦସ୍ୟ ଶେଷ ଦେବ ସିଂ, ଗୁରୁ ଚରଣ ସେଠ, ଅଲେଖ ଜେନା, ତ୍ରିନାଥ ମହାପାତ୍ର, ବିଭୁ ମହାପାତ୍ର, ବିମଲ ସେଠ, ପ୍ରଶାନ୍ତ ସାହୁ, ବାଙ୍କନିଧି ସାମଲ, ଲକ୍ଷ୍ମୀଧର ସେଠ ପ୍ରମୁଖ ସହଯୋଗ କରିଥିଲେ। ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହୋଇଥିଲା।

# ମାନସିକ ବିକୃତ ଯୁବକଙ୍କୁ ଉଦ୍ଧାର କଲେ ସାମାଜିକ କର୍ମୀ


ଉଦ୍ଧାର ଯୁବକଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଉଛି।

**ଅନୁଗୋଳ ଅଫିସ, ୧୬।୪**

ଛେଣ୍ଡିପଦା ଅଞ୍ଚଳର ଜଣେ ମାନସିକ ବିକୃତ ଯୁବକଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ଜିମା ଦେଇଛନ୍ତି ସାମାଜିକ କର୍ମୀ। ଘରୁ ଚାଲିଆସିଥିବା ସମ୍ପୃକ୍ତ ଯୁବକ ହେଲେ ଟାଙ୍ଗୁଡିଆ ପଞ୍ଚାୟତ ବଡବେରେଣୀ ବନ୍ଧସାହିର ସର୍ବେଶ୍ୱର ଭୋଇଙ୍କ ପୁଅ ସୁବାସ ଭୋଇ। ତାଙ୍କୁ ପରିବାର ଲୋକମାନେ ଖୋଜାଖୋଜି କରି ଅନୁଗୋଳ ସହରରେ ଠାବ କରିଥିଲେ। ଘରକୁ ନେବାକୁ ଚେଷ୍ଟା କରିଥିଲେ ବି ପରିବାର ଲୋକେ ବିଫଳ ହୋଇ ଫେରି ଯାଇଥିଲେ। ଅସହାୟ ଅବସ୍ଥାରେ ଏଣେତେଣେ ବୁଲୁଥିବା ସୁବାସଙ୍କୁ ଛେଣ୍ଡିପଦା ଅଞ୍ଚଳର ଯୁବ ବ୍ୟବସାୟୀ ସୁଜିତ କୁମାର ସାମନ୍ତଙ୍କ ସହଯୋଗରେ ସାମାଜିକ କର୍ମୀ ଅନୁଷ୍ଠାନ 'ସାଥୀ ପରିବାର' ସଦସ୍ୟ ଉଦ୍ଧାର କରି ତାଙ୍କ ଘରେ ପହଞ୍ଚାଇ ପରିବାର ଜିମାରେ ଦେଇଥିଲେ।

# ଆଜି ଆସୁଛନ୍ତି ଅମିତ ଶାହ, ୧୮ରେ ନବୀନ

**ଢେଙ୍କାନାଳ ଅଫିସ୍, ୧୬।୪**

ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଆଉ ଏକ ସପ୍ତାହ ବାକି ଥିବାବେଳେ ରାଜନୈତିକ ଦଳଗୁଡିକ ପକ୍ଷରୁ ପ୍ରଚାର ଜୋର ଧରିଛି। ବୁଧବାର ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହ ନିର୍ବାଚନ ପ୍ରଚାର ଲାଗି ଢେଙ୍କାନାଳ ଆସୁଛନ୍ତି। ସ୍ଥାନୀୟ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଅପରାହ୍ନ ୩ଟାରେ ଆୟୋଜିତ ନିର୍ବାଚନୀ ସଭାରେ ସେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏଥି ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଭାଜପାର ହେଭିୱେଟ ନେତା ଅମିତ ଶାହଙ୍କ ଗସ୍ତ ପାଇଁ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି।

ସେହିପରି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୮ ତାରିଖରେ ଢେଙ୍କାନାଳ ଜିଲାକୁ ନିର୍ବାଚନ ପ୍ରଚାରରେ ଆସୁଛନ୍ତି। ସେ ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୦ଟା ୫୫ରେ ପରଜଙ୍ଗ ଷ୍ଟାଡିୟମ୍‌ରେ ପହଞ୍ଚି ସେଠାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ମଧ୍ୟାହ୍ନ ୧୨ଟା ୧୫ରେ ଓଡାପଡା ବ୍ଲକ ଗୁଡିଆକାଟେଣୀସ୍ଥିତ ଦଶଦେବୀ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେବେ। ଏହାପରେ ୧୨ଟା ୫୫ରେ ଗଁଦିଆ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବିଜେଡି ନେତୃବୃନ୍ଦ ଓ କର୍ମୀମାନେ ତତ୍ପର ହୋଇପଡ଼ିଛନ୍ତି।

# ଜୈବବିବିଧତା ସମ୍ବନ୍ଧୀୟ ପ୍ରବନ୍ଧ ପ୍ରତିଯୋଗିତା




**ଅନୁଗୋଳ ଅଫିସ, ୧୬।୪**

ଅନୁଗୋଳ ବଡକେରାସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଠାରେ ଅନ୍ତର୍ଜାତୀୟ ଜୈବବିବିଧତା ସମ୍ପର୍କିତ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରନ୍ତଲେଇ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଜରଡା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ଓ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ବଡକେରାର ମୋଟ୍ ୨୭ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ପରେ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବଡକେରା ଜୈବବିବିଧତା ପରିଚାଳନା ସମିତି ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଜଙ୍ଗଲ କିପରି ଆମକୁ ପରିପୁଷ୍ଟ କରିବା ସହ ଖାଦ୍ୟ, ବସ୍ତ୍ର, ବାସଗୃହ, ସୁସ୍ଥ ଜୀବନ ଜୀବିକାରେ ବଡ ଭୂମିକା ଗ୍ରହଣ କରିଛି ତାହା ଆଲୋଚନା କରିଥିଲେ। ଶିକ୍ଷକ ମନୋଜ କୁମାର ସାହୁ ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟ ସମ୍ପର୍କରେ କହିଥିଲେ। ଅନୁଷ୍ଠାନର ସଂଯୋଜକ ବିଜୟ କୁମାର ଜେନା ପ୍ରବନ୍ଧ ପ୍ରତିଯୋଗିତାର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିକାଶ ଅଧିକାରୀ ସୁବ୍ରତ କୁମାର ପ୍ରଧାନ ଓଡ଼ିଶା ଜୈବବିବିଧତା ବୋର୍ଡ ଓ ନିୟୁଜ ଅନୁଷ୍ଠାନର ପରିବେଶ ସଚେତନତା କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ସୁବ୍ରତ କୁମାର ପ୍ରଧାନ ଓ ଲିଙ୍ଗରାଜ ପ୍ରଧାନ ପ୍ରବନ୍ଧ ପ୍ରତିଯୋଗିତା ପରିଚାଳନା କରିଥିଲେ। ଓଡ଼ିଶା ଜୈବବିବିଧତା ବୋର୍ଡ ଓ ନିୟୁଜ ଅନୁଷ୍ଠାନ ଦ୍ୱାରା କୃତୀ ଛାତ୍ରଛାତ୍ରମାନଙ୍କୁ ମେ ୨୨ରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ମହିଳାଙ୍କୁ ମାଡ଼ ଅଭିଯୋଗ

**ଅନୁଗୋଳ ଅଫିସ, ୧୬।୪**

ଅନୁଗୋଳ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ଖୁଡ଼ି ଶାଶୁ ଓ ଦାଦା ଶ୍ୱଶୁର ତାଙ୍କୁ ମାଡ଼ ମାରିଥିବା ସମ୍ପୃକ୍ତା ମହିଳା ଅଭିଯୋଗରେ ଦର୍ଶାଇଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ, ମଙ୍ଗଳବାର ମହିଳାଙ୍କ ସ୍ୱାମୀ ଏକ ଘରୋଇ କମ୍ପାନୀକୁ କାର୍ଯ୍ୟ କରିବା ପାଇଁ ଯାଇଥିଲେ। ଏହି ସମୟରେ ପାରିବାରିକ କଳହକୁ କେନ୍ଦ୍ର କରି ସମ୍ପୃକ୍ତା ମହିଳାଙ୍କୁ ତାଙ୍କ ଦାଦା ଶ୍ୱଶୁର ଓ ଶାଶୁ ମାରଧର କରିଥିଲେ। ଏପରି କି ଜୀବନରୁ ମାରି ଦେବା ପାଇଁ ଉଦ୍ୟମ ବେଳେ ସେ କୌଶଳ କ୍ରମେ ବାପଘରକୁ ଚାଲିଆସିଥିଲେ। ଏହାପରେ ମା ଓ ବାପାଙ୍କ ସହ ଆସି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପରେ ମହିଳାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଥାନାରେ ମାମଲା ହୋଇ ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ଗଣ୍ଡଗୋଳ

**ଭୁବନ, ୧୬।୪(ଡି.ଏନ୍.ଏ.)**

ଭୁବନ ଥାନା କିଙ୍ଗୋଳ ଅସୁରବନ୍ଧ ଖେଳପଡ଼ିଆରେ ମଙ୍ଗଳବାର ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ନିର୍ବାଚନୀ ସଭାକୁ ବିରୋଧ କରି ଗଣ୍ଡଗୋଳ ହୋଇଛି। ଭୂଷଳ ସରପଞ୍ଚ ଏବଂ ତାଙ୍କ ସମର୍ଥକଙ୍କ ଆକ୍ରମଣରେ ୩ ବିଜେଡି କର୍ମୀ ଆହତ ହୋଇଛନ୍ତି। ସେମାନେ ହେଲେ କିଙ୍ଗୋଳ ଗ୍ରାମର କାଙ୍ଗାଳି ମଳିକ (୩୮), ଶ୍ରୀକାନ୍ତ ମଳିକ (୩୦) ଏବଂ ବିପିନ ମଳିକ (୪୦)। ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ବେଡ଼ାପାଳ ଗ୍ରାମର ସୁଧାକର ସାହୁଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୫୫/୧୯, ଦଫା ୩୪୧, ୩୨୩, ୨୯୪, ୫୦୬, ୩୦୭, ୩୫୪ (ଏ), ୩୫୪(ବି), ୩୪ରେ ମାମଲା ରୁଜୁ ହୋଇଛି। ପୋଲିସ ସରପଞ୍ଚ ଚିତ୍ତରଞ୍ଜନ ମଲ୍ଲିକ (୪୫), ସରୋଜକାନ୍ତ ବେହେରା (୪୨)ଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ଅଭିଯୋଗ ଅନୁଯାୟୀ, ସନ୍ଧ୍ୟାରେ ବିଜେଡିର ନିର୍ବାଚନ ସଭା ଚାଲିଥିବାବେଳେ ଚିତ୍ତରଞ୍ଜନଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ସମର୍ଥକ ପହଞ୍ଚି ଗଣ୍ଡଗୋଳ କରିଥିଲେ। ଉକ୍ତ ଆକ୍ରମଣରେ ପ୍ରସାଦ ମଳିକ, ପଡିଆ ଦେହୁରୀ, ନକୁଳ ବେହେରା, ନିର ମାଝି, ଶିବୁ ସାହୁ, ନିତିଆ ବେହେରା, କୈଳାସ ବେହେରା, ଅମିନ ବେହେରା, ସାଇଶଙ୍କର ମଲ୍ଲିକ ପ୍ରମୁଖ ସାମିଲ ଥିବା ଏତଲାରେ ଦର୍ଶାଯାଇଛି। ଏ ନେଇ ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ କୁହନ୍ତି, ଗଣ୍ଡଗୋଳ ସମ୍ପର୍କରେ ସୂଚନା ପାଇ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଘଟଣାର ତଦନ୍ତ ଚାଲିଛି।

## ଫଟୋରେ ଖବର


**ଆମ୍ବେଦକରଙ୍କ ୧୨୮ ତମ ଜୟନ୍ତୀ:** ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ଏସ୍‌ସି/ଏସ୍‌ଟି ପକ୍ଷରୁ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଟିଟିପିଏସ୍ ଜିଏମ୍ ଅନିଲ ଜାନା, ମୁଖ୍ୟବକ୍ତା ଭାବେ ସଂଘ ସମ୍ପାଦକ ପବିତ୍ରମୋହନ ନାଏକ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଶାନ୍ତନୁ ସର ପ୍ରମୁଖ ଯୋଗ ଦେଇଥିଲେ। ସଂଘ ସଭାପତି ବେଣୁଗୋପାଳ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ।


ଅନୁଗୋଳ ଅମଳାପଡ଼ାଠାରେ ଅନୁଷ୍ଠିତ ବାସନ୍ତୀ ଦୁର୍ଗାପୂଜାର ଭସାଣି ଉତ୍ସବ।

## ସଂକ୍ଷେପରେ

### ପରାଜୟ ସତ୍ତ୍ୱେ ଲଢ଼ିବାକୁ ଆଗ୍ରହ

**କେନ୍ଦୁଝର, ୧୬।୪(ସ୍ୱ.ପ୍ର.):** ୩ଥର କେନ୍ଦୁଝର ଲୋକସଭା ଆସନ ପାଇଁ ନିର୍ବାଚନ ଲଢି ହାର ମାନିନାହାନ୍ତି ଡ. ସୁଦର୍ଶନ ଲୋହାର। ଚଳିତ ନିର୍ବାଚନରେ ରାଷ୍ଟ୍ରୀୟ ଇଣ୍ଡିପେଣ୍ଡେଣ୍ଟ ମୋର୍ଚ୍ଚା ପକ୍ଷରୁ ଲଢୁଛନ୍ତି। ଚିହ୍ନ ପାଇଛନ୍ତି ହୁଇସିଲ। ହୁଇସିଲ ବଜାଇ ଲୋକଙ୍କ ଧ୍ୟାନ ଆକର୍ଷଣ କରି ଭୋଟ ଭୀକ୍ଷା କରୁଛନ୍ତି। ପେଷାରେ ହୋମିଓପାଥିକ ଡାକ୍ତର ଭାବରେ ଜୀବନ ଆରମ୍ଭ କରିଥିବା ସୁଦର୍ଶନ ୨୦୦୪ରେ ପ୍ରଥମେ ଲୋକ ସଭା ନିର୍ବାଚନ ଲଢିଥିଲେ। ଅର୍ଥାଭାବରୁ ଚାଲିକରି ପ୍ରଚାର କରୁଛନ୍ତି। ନା’ ଅଛି ପୋଷ୍ଟର ନା’ ଅଛି ଅନ୍ୟମାନଙ୍କ ଭଳି ବ୍ୟାନର, ପ୍ରଚାର ଗାଡି। ୨୦୦୪ରେ ଟାଙ୍ଗିଆ ଚିହ୍ନ, ୨୦୦୯ରେ ହାତୀ ଓ ୨୦୧୪ରେ ହୁଇସିଲ ଚିହ୍ନରେ ଲଢିଥିଲେ। କେନ୍ଦୁଝରର ବିକାଶ, ଖଣିଜପଥରର ସଦୁପଯୋଗ, ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ଆଦି ତାଙ୍କର ଲକ୍ଷ୍ୟ।

### ବସ୍ ଅଟକାଇ ଟଙ୍କା ଲୁଟ୍

**କେନ୍ଦୁଝର, ୧୬।୪(ଡି.ଏନ୍.ଏ.):** କେନ୍ଦୁଝର ଜିଲା ବାରିଆ ଥାନା ଅନ୍ତର୍ଗତ ଭଣ୍ଡାରୁ ଭୁବନେଶ୍ୱର ଯାଉଥିବା ଏକ ବସ୍‌କୁ ଅଟକାଇ କଣ୍ଡକ୍ଟରଙ୍କୁ ମାଡ଼ମାରି ସୋମବାର ରାତିରେ କେତେଜଣ ଦୁର୍ବୃତ୍ତ ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଭଣ୍ଡା-ତୁରୁମୁଙ୍ଗା ରାସ୍ତାର ନନ୍ଦପୁରଠାରେ କେତେଜଣ ଦୁର୍ବୃତ୍ତ ବସ୍‌କୁ ଅଟକାଇ କଣ୍ଡକ୍ଟରଙ୍କୁ ମାଡ ମାରି ତାଙ୍କ ପାଖରେ ଥିବା ୧୪ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଏ ନେଇ ବସ୍‌ର କଣ୍ଡକ୍ଟର ଦୀପୁନ ବାରିକ ବାରିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୬/୧୯) ରୁଜୁ କରିଛି। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ନନ୍ଦପୁର ଅଞ୍ଚଳର ଦେବାଶିଷ ପ୍ରଧାନ, ରମଣିରଞ୍ଜନ ପ୍ରଧାନ, ସୁମନ୍ତ ପ୍ରଧାନଙ୍କ ସମେତ ୮ରୁ ୧୦ ଜଣ ଲୋକଙ୍କ ନାମ ଅଭିଯୋଗପତ୍ରରେ ଉଲ୍ଲେଖ ରହିଥିବା ଥାନା ଅଧିକାରୀ ସୁଶାନ୍ତମଣି ମହାନ୍ତି କହିଛନ୍ତି।

### ଚୋରି ବାଇକ୍ ଜବତ, ଅଭିଯୁକ୍ତ ଗିରଫ

**ଯୋଡ଼ା, ୧୬।୪(ଡି.ଏନ୍.ଏ.):** ଯୋଡ଼ା ଥାନା ଅନ୍ତର୍ଗତ କମାରଯୋଡ଼ାରୁ ଚୋରି ହୋଇଥିବା ଏକ ବାଇକ୍‌କୁ ପୋଲିସ ଜବତକରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରୁଗୁଡି ଥାନା ଅନ୍ତର୍ଗତ ଚୋରମାଲଦା ଅଞ୍ଚଳର ସୁମିତ ବାହାଦୁର। ଗତ ୯ ତାରିଖ ବିଳମ୍ବିତ ରାତିରେ କମାରଯୋଡା ଅଞ୍ଚଳର ସାଓ୍ୱାଜ୍ ଅହମ୍ମଦଙ୍କ ବାଇକ୍ ନଂ ଓଡି୦୯ ଏ ୪୪୯୫ ଏକ ଦୋକାନ ସମ୍ମୁଖରୁ ଚୋରି ହୋଇଥିଲା। ଏ ନେଇ ବାମେବାରୀ ଥାନାରେ ଏକ ଲିଖିତ ଅଭିଯୋଗ ହେବା ପରେ ପୋଲିସ ରବିବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ କଳାପାହାଡ ଛକଠାରେ ଚୋରି ହୋଇଥିବା ବାଇକ୍‌କୁ ଠାବ କରିଥିଲା। ଏହି ଘଟଣାରେ ସୁମିତଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

### ଗାଡ଼ି ଧକ୍କାରେ ୨ ଆହତ

**ହାଟଡିହୀ, ୧୬।୪(ଡି.ଏନ.ଏ.):** ହାଟଡିହୀ ବ୍ଲକ ଅନ୍ତର୍ଗତ ଆନନ୍ଦପୁର-ଭଦ୍ରକ ରାଜ୍ୟ ରାଜପଥର ବେଡିରାଠାରେ ଅଜଣା ଗାଡ଼ି ଧକ୍କାରେ ୨ ଜଣ ଆହତ ହୋଇଛନ୍ତି। ଉଭୟଙ୍କୁ ହାଟଡିହୀ ଡାକ୍ତରଖାନାକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଚେତା ଫେରିଥିଲା। ଦୁଇ ଜଣଙ୍କ ଘର ହାଟଡିହୀ ବ୍ଲକ ଅନ୍ତର୍ଗତ ଉଅଁର ପଞ୍ଚାୟତ ସରଳ ଗ୍ରାମରେ। ସେମାନେ ହେଲେ ସୁନାରାମ ମାଝି (୫୨) ଓ ପେଟୁ ମୁଣ୍ଡା(୪୫)। ଉଭୟ ଉଡ଼ା ପର୍ବ ଦେଖି ଏକ ଲୁନାରେ ଠାକୁର ମୁଣ୍ଡାରୁ ଫେରୁଥିଲେ।

### ଡମ୍ଫର ଓଲଟି ଡ୍ରାଇଭର, ହେଲ୍‌ପର ଆହତ

**ଯୋଡ଼ା, ୧୬।୪(ଡି.ଏନ୍.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ଲାଲଗେଟ ଛକ ନିକଟରେ ଏକ ଡମ୍ଫର ଓଲଟି ପଡିବାରୁ ଡ୍ରାଇଭର ଓ ହେଲ୍‌ପର ଆହତ ହୋଇଛନ୍ତି। ଡମ୍ଫର ନଂ ଓଆର୍‌୦୯ଏଲ ୭୩୯୦ ବାଂଶପାଣିରୁ ଜୁରୁଡି ଅଭିମୁଖେ ଯାଉଥିବା ବେଳେ ମଙ୍ଗଳବାର ଅପରାହ୍ନରେ ଉକ୍ତ ସ୍ଥାନରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଉକ୍ତ ଡମ୍ଫରର ଡ୍ରାଇଭର ରଞ୍ଜିତ ସାହୁ ଓ ହେଲ୍‌ପର ଗୁଡୁ ପାତ୍ର ଆହତ ହୋଇଛନ୍ତି। ଉଭୟଙ୍କୁ ବାମେବାରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି। ଖବର ପାଇ ବାମେବାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି।

# ପାହାଡ଼ ଉପରେ ଜୀବନ

**ଝୁମ୍ପୁରା, ୧୬।୪(ଡି.ଏନ୍.ଏ.)**

- ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ
- ଲାଗି ରହୁଛି ହାତୀ ଭୟ
- ନିର୍ବାଚନରେ ଭୋଟ ଦେବାକୁ ଅନିଚ୍ଛା

କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ତଥା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନିଶ୍ଚିନ୍ତପୁର ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ପାହାଡ଼ ଉପରେ ଥିବା ୩ ଗାଁ କନକନା, ହରିଡ଼ାଯୋଡ଼ି, ଦେଓଝରକୁ ମୌଳିକ ସୁବିଧା ଅପହଞ୍ଚ ହୋଇଛି। ଏ ନେଇ ଲୋକେ ଚଳିତ ନିର୍ବାଚନରେ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଭୌଗଳିକ ଦୃଷ୍ଟିକୋଣରୁ ପାହାଡ଼ ଉପରେ ଅବସ୍ଥିତ ଏହି ୩ ଗ୍ରାମର ଦୂରତା ପରସ୍ପରଠାରୁ ୨ରୁ ୩ କି.ମି. ମଧ୍ୟରେ। ଚାରିଆଡ଼େ ଜଙ୍ଗଲ। ଏକ ପାର୍ଶ୍ୱର ପାହାଡ଼ ତଳେ ପ୍ରବାହିତ ବୈତରଣୀ। ହାତୀ ସହ ଭାଲୁ, ଅନ୍ୟ ବନ୍ୟପ୍ରାଣୀଙ୍କ ଆବାସ ସ୍ଥାନ ଭାବେ କନକନା ଜଙ୍ଗଲ ପରିଚିତ। କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀର ୧ନଂ ବୁଥ ହେଉଛି କନକନା। ପ୍ରାଥମିକ ବିଦ୍ୟାଳୟରେ ରହିଥିବା ଏହି ବୁଥ। ଏଠାରେ ଭୋଟ ଦେଇଥାନ୍ତି କନକନା, ହରିଡାଯୋଡି ଓ ଦେଓଝର ଗ୍ରାମବାସୀ।



ଆଦିବାସୀ ଅଧ୍ୟୁଷିତ ଗାଁ।

୩ ଗ୍ରାମର ଲୋକସଂଖ୍ୟା ୧୨ଶହରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଭୋଟରଙ୍କ ସଂଖ୍ୟା ୮ଶହରୁ ଊର୍ଦ୍ଧ୍ୱ। ସେଠାରେ ରହିଛି ୧୨ରୁ ଊର୍ଦ୍ଧ୍ୱ ବସ୍ତି। ସାଧାରଣତଃ ମୂଲ, ମଜୁରି ସହିତ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକରି ଏଠାକାର ଲୋକେ ଚଳନ୍ତି। ବର୍ଷସାରା ହାତୀ ଭୟ ଲାଗି ରହିଥିବାରୁ ଚାଷକାର୍ଯ୍ୟ ଠପ୍ ହୋଇଥାଏ।

ଏହି ଗ୍ରାମଗୁଡ଼ିକରେ ରାସ୍ତା, ପାନୀୟ ଜଳ, ଶିକ୍ଷା ଆଦି ସମସ୍ୟା ରହିଛି। ପାନୀୟଜଳ ପାଇଁ ନଳକୂପ ଥିଲେ ହେଁ ନାଳିପାଣି ବାହାରୁଛି। ତାହା ପାନୀୟ ଉପଯୋଗୀ ହୋଇପାରୁନି। ପୁଣି କେତେକାଂଶରେ ନଳକୂପ ଅଚଳ ହୋଇ ଦୀର୍ଘଦିନ ଧରି ପଡ଼ି ରହୁଛି। ରାସ୍ତା ନାହିଁ। ଏଠାକାର ବାସିନ୍ଦା ପିଡିଏସ୍ ସାମଗ୍ରୀ (ଚାଉଳ, ଗହମ) ନେବା ପାଇଁ ୭ କି.ମି. ଜଙ୍ଗଲ ରାସ୍ତାରେ ଚାଲି ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥାନ୍ତି। କାନ୍ଧରେ ବୋହି ବିପଦସଙ୍କୁଳ ଭାବେ ପିଡିଏସ୍ ସାମଗ୍ରୀ ନେଇଥାନ୍ତି। ସ୍ୱାସ୍ଥ୍ୟସେବା ଏଠାରେ ଅପହଞ୍ଚ ହୋଇଛି। ୧୦୮, ୧୦୨ ଆମ୍ବୁଲାନ୍ସ ସେବା କଙ୍କଡ଼ାଯୋଡ଼ି ଘାଟି ରାସ୍ତା ଦେଇ କନକନା ଗ୍ରାମରେ ପହଞ୍ଚି ପାରୁଥିଲେ ହେଁ ଦେଓଝର, ହରିଡ଼ାଯୋଡି ଗ୍ରାମକୁ ପହଞ୍ଚିପାରେ ନାହିଁ। ବିଦ୍ୟୁତ୍ ଆଲୋକ ଗ୍ରାମ ଗୁଡିକ ପାଇଁ ସାତସପନ ହୋଇଛି। ନିର୍ବାଚନ ପାଖେଇ ଆସିଥିଲେ ହେଁ କୌଣସି ପ୍ରାର୍ଥୀଙ୍କ ଏହି ଗାଁକୁ ପାଦ ପଡିନି। ନେତାମାନେ ଆସିଲେ ଖାଲି ପ୍ରତିଶ୍ରୁତି ଦେଇଥାନ୍ତି। କୌଣସି କାମ ହୁଏ ନାହିଁ। ଏଥର ଭୋଟ ଦେବାକୁ ସେମାନେ ମନା କରିଛନ୍ତି।

# ଡମ୍ଫର ଧକ୍କାରେ ବାଇକ୍ ଆରୋହୀ ମୃତ

**ଯୋଡ଼ା, ୧୬।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ଲଙ୍ଗାଲଟାଠାରେ ମଙ୍ଗଳବାର ସନ୍ଧ୍ୟା ୫ଟାରେ ଏକ ଡମ୍ଫର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କମଲପୁର ଅଞ୍ଚଳର ପ୍ରଫୁଲ୍ଲ ବେହେରା(୬୦)। ବାଇକ୍ ନଂ ଓଆର୦୯ କ୍ୟୁ ୫୭୫୦ରେ ପ୍ରଫୁଲ୍ଲ ଜୁରୁଡି ଅଭିମୁଖେ ଯାଉଥିବା ବେଳେ ଜୁରୁଡି-ଜଜାଙ୍ଗ ରାସ୍ତାର ଲଙ୍ଗାଲଟାଠାରେ ବିପରୀତ ଦିଗରୁ ଆସୁଥିବା ଡମ୍ଫର ନଂ ଓଡି୦୯ଡି ୯୯୬୦ ତାଙ୍କୁ ଧକ୍କା ଦେଇଥିଲା। ବାଇକ୍ ଚୁରମାର ହୋଇଥିବା ବେଳେ ଘଟଣାସ୍ଥଳରେ ପ୍ରଫୁଲ୍ଲଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଡମ୍ଫର ଫେରାରା ହୋଇଯାଉଥିବା ବେଳେ ସ୍ଥାନୀୟ ଲୋକେ ଧରି ପୋଲିସରେ ଜିମା ଦେଇଥିଲେ। ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ଏହାକୁ ନିୟନ୍ତ୍ରଣ କରିଥିଲା। ଗାଡିକୁ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ତଦନ୍ତ କରୁଛି। ପ୍ରଫୁଲ୍ଲ ଜଣେ ମିଷ୍ଟଭାଷୀ, ପରୋପକାରୀ ଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

# ବୃଦ୍ଧି ପାଉଛି ଦିନର ତାପମାତ୍ରା

- ଅବ୍ୟବସ୍ଥାରେ ଜଳଛତ୍ର

**କେନ୍ଦୁଝର, ୧୬।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ତାପମାତ୍ରା ସୋମବାର ୪୦ ଡିଗ୍ରୀ ଟପି ଯାଇଛି। ସର୍ବାଧିକ ତାପାମାତ୍ର ରେକର୍ଡ କରାଯାଇଛି। ଏ ନେଇ ଜନଜୀବନ ବ୍ୟତିବ୍ୟସ୍ତ ହୋଇପଡୁଛି। ସହରରେ ଗଛ କଟା ଯାଇଥିଲେ ହେଁ ରୋପଣ କରାଯାଇନି। ଖାଁ ଖାଁ ଲାଗୁଛି। କେନ୍ଦୁଝରକୁ ଯାତାୟାତ କରୁଥିବା ଯାତ୍ରୀ ଅସୁବିଧା ଭୋଗୁଛନ୍ତି। ବିଶ୍ରାମ ପାଇଁ ଛାଇ ଟିକେ ମିଳୁନାହିଁ। ସହରରେ ୪ ବସ୍‌ଷ୍ଟପ ରହିଛି। ସେଠାରେ ନା’ ଅଛି ବିଶ୍ରାମ ଘର ନା’ ଅଛି ପାଣି ବ୍ୟବସ୍ଥା। ଅଂଶୁଘାତ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ତାଗିଦ ହେଉଥିଲେ ହେଁ କେହି ପାଳନ କରୁନାହାନ୍ତି। ପୌରପାଳିକା ପକ୍ଷରୁ ବସା ଯାଇଥିବା ଜଳଛତ୍ରର ଅବସ୍ଥା ଶୋଚନୀୟ ହୋଇଛି।



କେନ୍ଦୁଝର ସହରରେ ଥିବା ଜଳଛତ୍ର।

ଅବ୍ୟବସ୍ଥାରେ ଜଳଛତ୍ର ରଖାଯାଇଛି। ଡେଲି ମାର୍କେଟ, ବାଲୁଙ୍କେଶ୍ୱର ଟ୍ରଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଥିବା ଜଳଛତ୍ରରେ ଘୋଡଣୀ ନାହିଁ କି ଟ୍ୟାପ ନାହିଁ। ପାଣି ବାହରି ନଷ୍ଟ ହୋଇଯାଉଛି।

# ବେଧଡ଼କ ସ୍କ୍ରାପ୍ ଚୋରାଚାଲାଣ

**ଯୋଡ଼ା, ୧୬।୪(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରରେ ବେଧଡ଼କ ଭାବେ ସ୍କ୍ରାପ୍ ଚୋରାଚାଲାଣ ହେଉଛି। ଛୋଟ, ବଡ଼ ଯାନବାହନରେ ପ୍ରତିଦିନ ସ୍କ୍ରାପ୍ ବୋଝେଇ ହୋଇ ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ଭୋର ସମୟରେ ଖଣିଜ ବୋଝେଇ ଭାରିଯାନ ଚଳାଚଳ କରୁଥିବା ବେଳେ ପୋଲିସ ପକ୍ଷରୁ ଯାଞ୍ଚ ତଥା ପାଟ୍ରୋଲିଂ କଡାକଡି କରାଯାଉନି। ଏହାର ସୁଯୋଗ ନେଇ ସ୍କ୍ରାପ୍ ବେପାରୀ ଚୋରାଚାଲାଣ କରୁଛନ୍ତି। ଏହି ଚୋରା ସ୍କ୍ରାପ ମୁଖ୍ୟତଃ ଝାଡ଼ଖଣ୍ଡ ରାଜ୍ୟକୁ ଚାଲାଣ ହେଉଛି।

**ନୀରବଦ୍ରଷ୍ଟା ପୋଲିସ**

ଏ ନେଇ ଜଣେ ସୂଚନାଦାତା ନିଜ ନାମକୁ ଗୋପନରେ ରଖି କହିଛନ୍ତି ଯେ, ଯୋଡ଼ା ଥାନାର କେତେଜଣ ଅସାଧୁ ପୋଲିସ କର୍ମଚାରୀଙ୍କ ଇଙ୍ଗିତରେ ଏହି ଚୋରା ସ୍କ୍ରାପ୍ କାରବାର ହେଉଛି। ଯୋଡ଼ା ସହରରେ ବେପାରୀ ସ୍କ୍ରାପ ବୋଝେଇ କରି ବାଂଶପାଣି -ଜୁରୁଡି- ଜଜାଙ୍ଗ ରାସ୍ତା ଦେଇ ଝୁମ୍ପୁରା ଅଭିମୁଖେ ଗାଡିରେ ନେଉଛନ୍ତି। ଝୁମ୍ପୁରା ଅଞ୍ଚଳରେ ଥିବା ସ୍କ୍ରାପ ଡିପୋରେ ଗଚ୍ଛିତ କରାଯାଉଛି। ସେଠାରୁ ଝାଡ଼ଖଣ୍ଡକୁ ଚୋରା ଚାଲାଣ ହେଉଛି। ଯୋଡ଼ା ସହରରେ ଚୋରା ସ୍କ୍ରାପ ବେପାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହି କାରବାର ହେତୁ ଲୁହା ଓ ଅନ୍ୟ ଧାତୁ ଚୋର ସକ୍ରିୟ ହୋଇଯାଇଛନ୍ତି। ଏପରିକି ଘର ଭିତରେ ପଶି ଚୋରମାନେ ଲୁହା ସାମଗ୍ରୀ ଚୋରିକରି ନେଇ ସ୍କ୍ରାପ୍ ବେପାରୀଙ୍କଠାରେ ବିକି ଦେଉଛନ୍ତି। ବର୍ତ୍ତମାନ ଯୋଡ଼ା ସହରରେ ୨ ରୁ ୩ ଜଣ ସ୍କ୍ରାପ ବିକ୍ରି କରୁଛନ୍ତି। ଏ ନେଇ ଯୋଡା ଥାନା ଅଧିକାରୀ ମନୋଜ କୁମାର ରାଉତଙ୍କୁ ପଚାରିବାରୁ ସହରରେ ଯଦି ସ୍କ୍ରାପ ଚୋରାଚାଲାଣ ହେଉଛି ତା’ହେଲେ ପୋଲିସ ପକ୍ଷରୁ କଡ଼ା ପାଟ୍ରୋଲିଂ କରାଯିବ ସହ ଚୋରଙ୍କୁ ଧରାଯିବ ବୋଲି ସେ କହିଛନ୍ତି।

# ଦୁର୍ବ୍ୟବହାର ଅଭିଯୋଗ: ୫ ଗିରଫ

**ଯୋଡ଼ା, ୧୬।୪(ଡି.ଏନ.ଏ.)**

ଯୋଡ଼ା ସହରରେ ବାସନ୍ତୀ ଦୁର୍ଗାପୂଜା ଭସାଣି ସମୟରେ ପୋଲିସକୁ ଦୁର୍ବ୍ୟବହାର ଅଭିଯୋଗରେ ସୋମବାର ରାତିରେ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ସଞ୍ଜୀବ ଲାକ୍ରା, ଦୀପକ କୁମାର ମହାକୁଡ, ଶଙ୍କର ପାତ୍ର, ବାଦଲ ରୟ, ବସନ୍ତ ଯୋଜୋ। ସୋମବାର ରାତିରେ ପ୍ରଶାସନର ବିନା ଅନୁମତିରେ ମା’ ବାସନ୍ତୀ ଦୁର୍ଗା ଭସାଣି ଶୋଭାଯାତ୍ରା ହୋଉଥିଲା। ଖବର ପାଇ ପୋଲିସ ପହଞ୍ଚି ପରେ କେତେ ଜଣ ଯୁବକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପୋଲିସ ଗାଡିକୁ ଅଟକାଇ ଦେଇଥିଲେ।

# ମା’ ତାରିଣୀଙ୍କ ଚଇତି ପର୍ବ ଉଦ୍‌ଯାପିତ



ପାଲା ଗାୟକ ଓ ପ୍ରବଚକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଘଟଗାଁ, ୧୬।୪(ଡି.ଏନ.ଏ.)**

ଘଟଗାଁ ମା’ ତାରିଣୀଙ୍କ ୮୩ତମ ଚଇତି ପର୍ବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ପର୍ବ ଗତ ୯ରୁ ଆରମ୍ଭ ହୋଇଥିଲା। ମା’ ତାରିଣୀ ପୀଠରେ ଭୋର୍ ୫ଟା ସମୟରେ ବ୍ରାହ୍ମଣ ସମାଜ ପକ୍ଷରୁ ଗୀତାପାଠ, ଭାଗବତ ପଠନ, ଚଣ୍ଡୀପାଠ, ହୋମଯଜ୍ଞ ସହ ମା’ଙ୍କ ମାଜଣା, ମଙ୍ଗଳ ଆରତୀ ଓ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଏହି ପର୍ବରେ ମା’ଙ୍କ ପୀଠରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିସରକୁ ସୁସଜ୍ଜିତ କରାଯାଇଥିଲା। ମା’ଙ୍କ ଦର୍ଶନ ପାଇଁ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଧାଡ଼ି ବ୍ୟବସ୍ଥା କରାଯାଇଥିଲା। ପଣାସଂକ୍ରାନ୍ତି ଦିନ ଦୁଇ ଲକ୍ଷ ଭକ୍ତଙ୍କ ପାଇଁ ଶୃଙ୍ଖଳା ଦର୍ଶନ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମନ୍ଦିର ପରିସରରେ ସତ୍ୟସାଇ ସେବା ସଙ୍ଗଠନ, ଗାୟତ୍ରୀ ପରିବାର, ଆଦିତ୍ୟ ବାହିନୀ ସେବାସଂସ୍ଥା, କଲେଜ ଏନ୍‌ଏସ୍‌ଏସ୍ ଛାତ୍ର, ବିଭିନ୍ନ କ୍ଲବର ସଦସ୍ୟ, ପ୍ରଗତୀ ସ୍ୱେଚ୍ଛାସେବୀ ସଙ୍ଗଠନ ସମେତ ପୋଲିସ ଓ ମନ୍ଦିର କର୍ମଚାରୀ ଉପସ୍ଥିତ ରହି ଭକ୍ତଙ୍କୁ ଶୃଙ୍ଖଳା ଦର୍ଶନ ପାଇଁ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମନ୍ଦିର ପରିଚାଳନାବୋର୍ଡ଼ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ସଦସ୍ୟ ରୁଦ୍ରନାରାୟଣ ମହାନ୍ତ, ଆନନ୍ଦଚନ୍ଦ୍ର ସିଂହ, ନିର୍ମଳ ମହାନ୍ତି, ବଳଭଦ୍ର ନନ୍ଦ, ଦୟାନିଧି ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ, ପାଲା ଗାୟକ, ପ୍ରବଚକ ଓ ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅଷ୍ଟପ୍ରହର ନାମଯଜ୍ଞ, ସଂକୀର୍ତ୍ତନ

**ହାଟଡ଼ିହୀ, ୧୬।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ସଡ଼ା ଗ୍ରାମର ତାରିଣୀ ମଣ୍ଡପଠାରେ ଅଷ୍ଟପ୍ରହର ନାମ ଯଜ୍ଞ ସହ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୁରୋଧା ଭାବେ ଗଣେଶ ଚନ୍ଦ୍ର ସାମଲ ଗ୍ରାମର ହରିଭକ୍ତଙ୍କୁ ନେଇ ଆଜକୁ ୧୧୬ ବର୍ଷ ତଳୁ ଏହାକୁ ଆରମ୍ଭ କରିଥିଲେ। ଶ୍ରୀହରିଙ୍କ ନାମ ଯଜ୍ଞ ୩ଦିନ ଧରି ଚାଲିଛି। ପ୍ରଥମ ଦିନ ସନ୍ଧ୍ୟା ବେଳେ ଠାକୁରଙ୍କ କଳସ ଅଣାଯାଇଥିଲା। ଦ୍ୱିତୀୟ ଦିନ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ୪୦ କୀର୍ତ୍ତନ ଦଳଙ୍କୁ ନେଇ ଠାକୁରଙ୍କ ନାମ ସଂକୀର୍ତ୍ତନ ହୋଇଥିଲା। ତୃତୀୟ ଦିନ ସକାଳ ବେଳା ଠାକୁରଙ୍କ ପାଖରେ ‘ରସ କୀର୍ତ୍ତନ’ ହୋଇଥିଲା। ଅପରାହ୍ନରେ ଠାକୁରଙ୍କୁ ନେଇ ନଗର ପରିକ୍ରମା କରାଯାଇଥିଲା। ପୂଜକ ଭାବେ ରଙ୍ଗାଧର ପଣ୍ଡା, ନରେନ୍ଦ୍ର ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ପ୍ରିୟବ୍ରତ ବେହେରା, ଗଗନ ବିହାରୀ ବେହେରା, ଅବନୀ ରାଉତ, ରତିକାନ୍ତ ସାଇଁ, ଅକ୍ଷୟ ଦାସ, ପ୍ରଦୀପ ସାମଲ, ନରହରି ବଳ, ଉମାକାନ୍ତ ସାଇଁ, ଚିତ୍ତରଞ୍ଜନ ସାଇଁ, ବ୍ରହ୍ମାନନ୍ଦ ଧଳଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ସ୍ମୃତି ସମ୍ମାନ ଅର୍ପଣ ଉତ୍ସବ



କଳାକାରଙ୍କୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

**ଆନନ୍ଦପୁର, ୧୬।୪(ସ୍ୱ.ପ୍ର.)**

ରାଜ୍ୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ପାଲାକାର, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ତଥା ଗାୟକ ମଞ୍ଜୁଳ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଚତୁର୍ଥ ବାର୍ଷିକ ସ୍ମୃତି ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଅତିଥିଗଣ ଯୋଗଦେଇ କଳାକାରଙ୍କ କୀର୍ତ୍ତି, ତ୍ୟାଗ ତାଙ୍କୁ ଅମର କରେ, ସେହି ଦୃଷ୍ଟିରୁ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ସର୍ବଦା ସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଆନନ୍ଦପୁର ଆନନ୍ଦଭବନଠାରେ ଅନୁଷ୍ଠିତ ଏହି ଉତ୍ସବରେ ଡ. ଅଭିନ୍ନ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ରାମଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଉଦ୍ଭିଦ ବିଜ୍ଞାନୀ ପ୍ରମୋଦ କୁମାର ରାଜ ପ୍ରମୁଖ ଯୋଗଦେଇ ପୂର୍ଣ୍ଣଚନ୍ଦ୍ରଙ୍କ ମହାନତା ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ।

ଚଳିତ ବର୍ଷ ପାଇଁ ଖ୍ୟାତନାମା ଗାୟକ ଡ. ଧୀରେନ କୁମାର ମହାନ୍ତିଙ୍କୁ ପୂର୍ଣ୍ଣଚନ୍ଦ୍ର ନାୟକ ସ୍ମୃତି ସମ୍ମାନ ପୂର୍ବକ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ସାହୁ, ସୁଦାମ ଚରଣ ସାହୁ, କବି ରାମଚନ୍ଦ୍ର ସୁର, ନରହରି ରାଉତ, ବିଦ୍ୟୁତ୍‌ପ୍ରଭା ଦେଓ, ବଉଳା ସାହିତ୍ୟ ସଂସଦର ସୁରେନ୍ଦ୍ର ପରିଡା, କବି ଗୋକୁଳ ବିହାରୀ ପୃଷ୍ଟି, ହରେକୃଷ୍ଣ ପାତ୍ର, ଗାୟକ କାର୍ତ୍ତିକେଶ୍ୱର ବେହେରା, ଅଧ୍ୟାପକ କୃଷ୍ଣ ଚନ୍ଦ୍ର ମହାନ୍ତ, ପଦ୍ମନାଭ ପାତ୍ର, ଶିବ ପ୍ରସାଦ ମିଶ୍ର, ଉମାକାନ୍ତ ନାୟକ, ରାମଚନ୍ଦ୍ର ଜେନା ପ୍ରମୁଖ ସ୍ୱର୍ଗତ ନାୟକଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ କବି କୀର୍ତ୍ତନ ସାହୁ ଅତିଥି ପରିଚୟ ଦେଇଥିଲେ। ସାବିତ୍ରୀ ଦାସ ମାନପତ୍ର ପାଠ କରିଥିଲେ। ସ୍ମୃତି ସମିତି ସମ୍ପାଦକ ରତ୍ନାକର ଦାସ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ବରିଷ୍ଠ ନାଗରିକ ରଘୁନାଥ ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ହାଟଡିହୀ, ଆନନ୍ଦପୁର ଓ ଘସିପୁରା ବ୍ଲକର ବହୁ କଳାକାର, କବି, ବିଦ୍ୱାନମାନେ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ପୁତ୍ର ତଥା ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।

# ତେଲକୋଇରେ ବିଜେଡିର ରୋଡ୍ ଶୋ

**ତେଲକୋଇ, ୧୬।୪(ଡି.ଏନ.ଏ.)**

ତେଲକୋଇ ବ୍ଲକ ମୁଖ୍ୟାଳୟରେ ମଙ୍ଗଳବାର ବିଜେଡିର ରୋଡ୍ ଶୋ ଆରମ୍ଭ ହୋଇଛି। ଏହି ରୋଡ୍ ଶୋରେ କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଚନ୍ଦ୍ରାଣୀ ମୁର୍ମୁ ଏବଂ ବିଧାୟକ ପ୍ରାର୍ଥୀ ଇଂ ପ୍ରେମାନନ୍ଦ ନାୟକ, ବ୍ଲକ ଅଧ୍ୟକ୍ଷ ମମତା ଦେହୁରି ସହ ଶତାଧିକ କର୍ମୀ ରୋଡ୍ ଶୋରେ ସାମିଲ ହୋଇଥିଲେ। ଏହି ରୋଡ୍ ଶୋରେ ଖୁଣ୍ଟାପଡ଼ା, ଆକୁଳ, ସିରିଗିଡ଼ା ମୁଖ୍ୟାଳୟରେ ସଭାକରି ଶେଷରେ ନମକାନୀଠାରେ ଶେଷ ହୋଇଥିଲା। ଅନ୍ୟପକ୍ଷରେ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତେଲକୋଇ ଚାରିଗଡ ମହାବିଦ୍ୟାଳୟ ଖେଳ ପଡିଆରେ ସାଧାରଣ ସଭାରେ ଯୋଗ ଦେବାର କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଥିବାରୁ ବିଜେଡି କର୍ମୀ ଉତ୍ସାହିତ ହୋଇଛନ୍ତି।

# ଡିବିରି ନିଆଁରୁ ୪ ବଖରା ପାଉଁଶ

**କେନ୍ଦୁଝର, ୧୬।୪(ସ୍ୱ.ପ୍ର.)**

- ଘରର ଆସବାବପତ୍ର ନଷ୍ଟ
- ବର୍ତ୍ତିଲେ ପରିବାର ଲୋକେ

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ରାସୋଳ ପଞ୍ଚାୟତ ପଞ୍ଚମ ତିନି ପୋଲିଆ ଗ୍ରାମରେ ସୋମବାର ସନ୍ଧ୍ୟାରେ ଡିବିରି ନିଆଁ ଲାଗି ୪ ବଖରା ଘର ପାଉଁଶ ହୋଇଯାଇଛି। ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗ୍ରାମର ଇନ୍ଦ୍ର ହଁସଦାଙ୍କ ଘରେ ନିଆଁ ଲାଗିଥିଲା। ପରିବାର ଲୋକେ ୩ ସନ୍ତାନକୁ ଘରେ ଛାଡି କୌଣସି କାମରେ ଝାଡଖଣ୍ଡ ଅଞ୍ଚଳକୁ ଯାଇଥିଲେ। ଘରେ ନିଆଁ ଲାଗିବାର ଦେଖି ଗ୍ରାମର ଲୋକେ ଅଗ୍ନିଶମ ବିଭାଗକୁ ଜଣାଇଲେ। ୩ ଜଣଙ୍କୁ ଘର ମଧ୍ୟରୁ ଲୋକେ ଉଦ୍ଧାର କରିଥିଲେ। ସେମାନଙ୍କ ମଧ୍ୟରୁ ୧୪ ବର୍ଷର ସାନ ପୁଅ ଆହତ ହୋଇଛନ୍ତି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଲୋକେ ପାଣି ଆଣି ନିଆଁକୁ ଆୟତ୍ତ କଲାବେଳକୁ ସବୁ ପୋଡି ପାଉଁଶ ହୋଇଯାଇଥିଲା। ଘଟଣାସ୍ଥଳରେ ବ୍ରାହ୍ମଣୀପାଳସ୍ଥିତ ଘରୋଇ ପ୍ଲାଣ୍ଟର ଦମକଳ ବାହିନୀ ଓ ଦାନଗଦି ଅଗ୍ନିଶମ ବାହିନୀ ପହଞ୍ଚିଥିଲେ। ଘର ମଧ୍ୟରେ ଥିବା ସମସ୍ତ ଆସବାବପତ୍ର ଓ ଏକ ଧାନହଲର, ଗଚ୍ଛିତ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଛି। ଅତି ଦୁଃଖର ବିଷୟ ଏତେ ବଡ଼ ଘଟଣା ଘଟିଥିଲେ ହେଁ ପ୍ରଶାସନ ପକ୍ଷରୁ କେହି ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ଅଗ୍ନି ବିପନ୍ନ ପରିବାର ଲୋକେ ଭୋକ ଉପାସରେ ରହିଛନ୍ତି।

# କେନ୍ଦୁପୋଷୀରେ ନୂଆଖାଇ ପର୍ବ

**କେନ୍ଦୁଝର, ୧୬।୪(ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପୋଷୀ ଗ୍ରାମରେ ମଙ୍ଗଳବାର ଆମ୍ବ ନୂଆଖାଇ ପର୍ବ ପାଳନ ହୋଇଛି। ଆମ୍ବ ନୂଆଖାଇ ପାଳନ କରିବାର ଉଦ୍ଦେଶ୍ୟ ନୂଆଫଳ ଖାଇବା ପୂର୍ବରୁ ପ୍ରଥମେ ଗ୍ରାମ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ନୂଆଖାଇ ପାଳନ ନିମନ୍ତେ ଗ୍ରାମର ଘର ମୁଖ୍ୟ ସମସ୍ତ ସଦସ୍ୟଙ୍କୁ ଡକାଯାଇ ବୈଠକ କରାଯାଏ। ଲୋକଙ୍କ ସହଭାଗିତାରେ ଏହି ପୂଜା ହୋଇଥାଏ। ପୂଜା ସରଞ୍ଜାମ ସଂଗ୍ରହ କରାଯାଇ ଦେହୁରିଙ୍କ ପରାମର୍ଶ ଅନୁସାରେ ଶୁଭବେଳା ତିଥି ବାର ବାହାର କରାଯାଇ ଦେହୁରିଙ୍କୁ ଖବର ଦିଆଯାଏ। ସେହିଦିନ ଘରର ସମସ୍ତେ ଉପବାସ ରହି ପଣା ଖିରି କାକରାପିଠା କରିଥାନ୍ତି।



ଗଛମୂଳେ ପୂଜାର୍ଚ୍ଚନା କରାଯାଉଛି।

ଠାକୁରାଣୀଙ୍କୁ ଝିଅବୋହୂ, ମହିଳାପୁରୁଷ କାମକାର୍ଯ୍ୟରେ ସଫଳ ହେବା ପାଇଁ ଆତ୍ମବିଶ୍ୱାସରେ ମାନସିକ କରନ୍ତି। ପୂର୍ବ ବର୍ଷ ମାନସିକ କରିଥିବା ଭକ୍ତ ମନସ୍କାମନା ପୂର୍ଣ୍ଣ ହୋଇଥିଲେ ମା’ଙ୍କୁ ଖୁସିରେ ଛେଳି, କୁକୁଡ଼ା, ନଡିଆ, କଦଳୀ, ଧୂପ, ସିନ୍ଦୂର, ମହୁ, ଶାଢ଼ି ଦକ୍ଷିଣା ଦିଅନ୍ତି। ପୂଜାର୍ଚ୍ଚନା ପରେ ମା’ଙ୍କ ପାଖରେ ବଳିପଡୁଥିବା ବୋଦାକୁ ଭୋଜି କରି ଖାଇଥାନ୍ତି। ଆମ୍ବ ନୂଆଖାଇ ସରିଲା ପରେ ଗଛର ଫଳ ଖାଇ ହୁଏ ବୋଲି ପୂର୍ବ ପୁରୁଷରୁ ବିଧିବିଧାନ ରହିଛି ବୋଲି ଲୋକେ କହିଛନ୍ତି।

ଗ୍ରାମର ଦୁର୍ଯ୍ୟୋଧନ ପାତ୍ର, ଦିବାକର ପାତ୍ର, ସନୁ ପାତ୍ର, ସତ୍ୟଜିତ ପାତ୍ର, ସନାତନ ପାତ୍ର, ଗଣେଶ୍ୱର ପାତ୍ର, ଯଶୋବନ୍ତ ପାତ୍ର, ମନମୋହନ ପାତ୍ର, ଦୁର୍ଲ୍ଲଭ ପାତ୍ର, ଅଭିମନ୍ୟୁ ପାତ୍ର, ପଦ୍ମଲୋଚନ ପାତ୍ର, ଭକ୍ତବନ୍ଧୁ ପାତ୍ର, ହରିହର ପାତ୍ର, ବିଶ୍ୱଜିତ ପାତ୍ର, ପ୍ରଶାନ୍ତ ପାତ୍ର, ଲେମ୍ବୁଧର ପାତ୍ର, ଭୁଲୁ ପାତ୍ର, ମହରଗା ପାତ୍ର, ଅନିରୁଧ ପାତ୍ର, ଚୈତନ୍ୟ ପାତ୍ର, ନିତ୍ୟାନନ୍ଦ ପାତ୍ର, ହରେକୃଷ୍ଣ ପାତ୍ର, ଚନ୍ଦନ ଦାସ, ରବି ପାତ୍ର, ପରମେଶ୍ୱର ପାତ୍ର, ପୁରୁଷୋତ୍ତମ ପାତ୍ର, ଦେବାନନ୍ଦ ପାତ୍ର, ପ୍ରଦୀପ ପାତ୍ର, ଜଗନ୍ନାଥ ପାତ୍ର, ବୁଦ୍ଧଦେବ ପାତ୍ର, ଲକ୍ଷ୍ମଣ ପାତ୍ର, ଭୀମସେନ ପାତ୍ର, ଗୌତମ ପାତ୍ର, ପୀତାମ୍ବର ପାତ୍ରଙ୍କ ସମେତ ଗ୍ରାମର ବହୁ ଲୋକ ନୂଆଖାଇ ପର୍ବରେ ସାମିଲ ହୋଇଥିଲେ।

# ବିଭୂତିଙ୍କ ପାଇଁ ଭୋଟ ମାଗିଲେ ଅନୁ



ବିଭୂତିଙ୍କ ସହ ଅଭିନେତ୍ରୀ ଅନୁ ଚୌଧୁରୀ।

**ପରଜଙ୍ଗ, ୧୬।୪(ଡି.ଏନ.ଏ.)**

ପରଜଙ୍ଗ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ବିଭୂତି ପ୍ରଧାନଙ୍କ ପାଇଁ ମଙ୍ଗଳବାର ସିନେ ତାରକା ଅନୁ ଚୌଧୁରୀ ମାରାଥନ୍ ପ୍ରଚାର କରିଛନ୍ତି। ହେଲିକପ୍ଟର ଯୋଗେ ସେ ପୂର୍ବାହ୍ନରେ ପାଟରପଦା ଖେଳପଡ଼ିଆରେ ଅବତରଣ କରିବା ପରେ ବିଶାଳ ବାଇକ୍ ରାଲିରେ ଯୋଗଦେଇଥିଲେ। ଏହି ଶୋଭାଯାତ୍ରା ମେଣ୍ଢାପଦା, ପାଟରପଦା, କମର, ପାଳସହି, ଲୋଧଣୀ ଦେଇ କନ୍ଦରସିଂହାରେ ଶେଷ ହୋଇଥିଲା।

ଜିଲା ପରିଷଦ ସଭ୍ୟ ରଞ୍ଜନ ପଣ୍ଡା, ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଦୀପକ ଗୋଚ୍ଛାୟତ, ବ୍ଲକ ଯୁବମୋର୍ଚ୍ଚା ସମ୍ପାଦକ ସନ୍ତୋଷ କୁମାର ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଟୁଟୁ ପାଣିଙ୍କ ସମେତ ହଜାର ହଜାର କର୍ମୀ ଓ ସମର୍ଥକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଭାଜପାର ରୋଡ୍ ଶୋ



**ଭୁବନ, ୧୬।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍ଏସିରେ ମଙ୍ଗଳବାର ଭାଜପା ପକ୍ଷରୁ ରୋଡ୍ ଶୋ' କରାଯାଇଛି। ଏମ୍ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣି, ବିଧାୟକ ପ୍ରାର୍ଥୀ ଶତ୍ରୁଘ୍ନ ଜେନାଙ୍କ ସମେତ ୫୦୦୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇ ଶକ୍ତି ପ୍ରଦର୍ଶନ କରିଥିଲେ। ଶ୍ରୀରାମ ମନ୍ଦିର ନିକଟରୁ ବାହାରି ଥିବା ରାଲି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲା।

୧୯ ବର୍ଷ ଶାସନରେ ରାଜ୍ୟରେ ଦୁର୍ନୀତି ସୀମା ଟପିଛି। ମୋଦି ସରକାରଙ୍କ ଉପରେ ଦେଶବାସୀ ଭରସା କରିଛନ୍ତି। ରାଜ୍ୟରେ ପରିବର୍ତ୍ତନ ହାୱା ବହୁଛି। ଚଳିତ ନିର୍ବାଚନରେ ଓଡ଼ିଶାରେ ନିଶ୍ଚୟ ପରିବର୍ତ୍ତନ ହେବ ବୋଲି ରୁଦ୍ରନାରାୟଣ କହିଛନ୍ତି।

ଏହି ଅବସରରେ ଆୟୋଜିତ ମିଶ୍ରଣ ପର୍ବରେ ବିଭିନ୍ନ ଦଳର ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଥିଲେ।

# ଗୋବିନ୍ଦପ୍ରସାଦରେ ଚଣ୍ଡିଯଜ୍ଞ

**ଢେଙ୍କାନାଳ ଅଫିସ୍, ୧୬।୪**

ଓଡ଼ାପଡ଼ା ବ୍ଲକ ଗୋବିନ୍ଦପ୍ରସାଦ ଶ୍ମଶାନସ୍ଥିତ ମା'ଚଣ୍ଡୀ ଠାକୁରାଣୀଙ୍କ ପୀଠରେ ରବିବାର ସଂକ୍ରାନ୍ତି ପୂଜା ସହିତ, ପଞ୍ଚାନନ ମେଳା ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶ୍ମଶାନକୁ ରଙ୍ଗବେରଙ୍ଗ ପତାକା ଓ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ରବିବାର ମଧ୍ୟାହ୍ନରୁ ଆରମ୍ଭ ହୋଇଥିବା ପୂଜା ସୋମବାର ରାତି ୩ଟା ଯାଏ ଚାଲିଥିଲା। ମା'ଙ୍କ ନିକଟରେ ପଣା ଲାଗି କରାଯାଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଅଞ୍ଚଳର ମହିଳାମାନେ ଘରେ ଆଗରେ ମା'ଙ୍କ ଉଦ୍ଦେଶ୍ୟରେ ପଣା ସମର୍ପଣ କରିଥିଲେ। ଯଜ୍ଞ ଲାଗି ଗ୍ରାମରେ ଆମିଷ ନିଷିଦ୍ଧ କରାଯାଇଥିଲା। ଶ୍ରଦ୍ଧାଳୁମାନେ ମାନସିକ ପାଇଁ ଗଞ୍ଜା, କୁକୁଡ଼ା, ବୋଦା ଅର୍ପଣ କରିଥିଲେ। ଦୀର୍ଘ ୫୦ବର୍ଷ ଧରି ଏପରି ପରମ୍ପରା ପ୍ରଚଳିତ ହୋଇଆସୁଛି।

# କଲେଜ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ

**ଢେଙ୍କାନାଳ ଅଫିସ୍, ୧୬।୪**

ଢେଙ୍କାନାଳ ସଦର ଥାନା ଅଞ୍ଚଳର ଜଣେ ଯୁକ୍ତ ୩କଲେଜ ପଢୁଆ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଗୁଣ୍ଡିଚାପଡ଼ା ଅଞ୍ଚଳର ୩ଜଣ ଯୁବକ ତାଙ୍କୁ ବଳପୂର୍ବକ କାର୍‌ରେ ଅପହରଣ ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ପାଟି କରିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ପରେ ନଂ. ୧୫୩/୧୯ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ମଳୟ ନାୟକ ସୂଚନା ଦେଇଛନ୍ତି।










26
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ1